# Akashvani, Sambalpur

## SAMBALPURI NEWS BULLETIN

### 17 November 2025 – 6.47- 6.52 am.

**********************************************

ପିଏମ୍ କିଷାନ୍ ସମ୍ମାନ୍ ନିଧି          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ -ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୨୧ ନମ୍ବର୍ କିସ୍ତି ଆଏବା ବୁଧବାର୍ ଦିନ ବାଂଟ୍‌ବେ । ସାରା ଦେଶେ ୧୧ କୋଟିନୁ ଅଏତ୍‌କା ଚାଷୀ ପରିବାର୍‌ଙ୍କୁ କିସ୍ତି ଟଙ୍କା ମିଲ୍‌ବା । ଇ କିସ୍ତିଥି ମୋଟ୍ ୩ ଲାଖ୍ ୭୦ ହଜାର୍ କୋଟି ଟଙ୍କା ଡିବିଟି ଜରିଏ ଚାଷୀମାନ୍‌କର୍ ଏକାଉଂଟ୍‌କେ ଦିଆଯିବା । ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାଥି ଯୋଗ୍ୟ ଚାଷୀ ପରିବାର୍‌କେ ଫି’ ବଛର୍ ୩ ଟା କିସ୍ତିଥି ୬ ହଜାର୍ ଟଙ୍କା ଦିଆଯାଉଛେ । ଇ ଯୋଜ୍‌ନା ପୁର୍‌ଥିର୍ ସବୁନୁ ବଡ଼ ଡିବିଟି ବ୍ୟବସ୍ଥା ଆଏ । ଇ ଯୋଜ୍‌ନା ଜରିଏ ୨୫ ପ୍ରତିଶତ୍ ନୁ ଅଏତ୍‌କା ମହିଳା ଚାଷୀ ଲାଭ୍ ପାଉଛନ୍ ବଲି କୃଷି ଆଉ କୃଷକ୍‌କଲ୍ୟାଣ୍ ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜନଜାତୀୟ ଗୌରବ୍ ଦିବସ-ରାଉର୍‌କେଲା/ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ୍ ଦିବସ୍ ଅବ୍ସରେ ୨ ଦିନିଆ ରାଉର୍କେଲା ଗସ୍ତଥି ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ସିଭିଲ୍ ଟାଉନ୍ସିପ୍ ନ ସାଧାରଣ୍ ଲୁକ୍କର୍ ଅଭିଯୋଗ୍ ଶୁନିଛନ୍ । ଇ ଅବ୍ସରେ ଭିନ୍ ଭିନ୍ ଅନୁଷ୍ଠାନ୍ ଆଉ ସଂଗଠନ୍ର ଲୋକ୍ମାନ୍କର୍ ସହେତେ ମୁଖ୍ୟମନ୍ତ୍ରୀ ଆଲୋଚନା କରିକରି ସେମାନ୍କର୍ ଅଭିଯୋଗ୍ ପତ୍ର ଗ୍ରହଣ୍ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, ଉପବାଚସ୍ପତି ଭବାନୀ ଶଙ୍କର୍ ଭୋଇ ପ୍ରମୁଖ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍      ହି.ସ.

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ବନ୍ଦ୍ ରହେବା । ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ଦିଆଯାଇଥିବା ସୂଚ୍ନା ଅନ୍ସାରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଲ୍ଗା ଜରୁରୀ କାମ୍ ଥିବାର୍ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ସମବାୟ ନୀତି      ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଲୋକସେବା ଭବନ୍ ସମ୍ମିଲନୀ କକ୍ଷ ନ ଆଏଜ୍ ରାଜ୍ୟ ସମବାୟ ନୀତି-୨୦୨୫ ର ଚୂଡ଼ାନ୍ତ ପ୍ରକ୍ରିୟା ବାବଦ୍ ଆଲୋଚନାଚକ୍ର ଆଉ ମତାମତ୍ ଗ୍ରହଣ୍ କରାଯିବା । ସମବାୟ ହସ୍ତତନ୍ତ, ବୟନଶିଳ୍ପ ଆଉ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ ସହେତେ ରାଜ୍ୟର୍ ବିଶିଷ୍ଟ ସମବାୟବିତ୍, ସମବାୟ କର୍ମକର୍ତା, ଶିକ୍ଷାବିତ୍, ବରିଷ୍ଠ ଅଧିକାରୀମାନେ ଆଲୋଚନାଥି ଭାଗ୍ ନେବେ । ଚିଠା ସମବାୟ ନୀତି -୨୦୨୫ ବାବ୍‌ଦେ ଇଥି ମତାମତ୍ ଗ୍ରହଣ୍ କରାଯିବା ବଲି ସମବାୟ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଜିଲ୍ଲା କେନ୍ଦ୍ରୀୟ ସମବାୟ ବେଙ୍କ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ଦିନେ ସମବାୟ ବ୍ୟବସ୍ଥାକେ ଅଏତ୍‌କା ବର୍‌କସ୍ କରାଯିବାର୍ ଲାଗି ସବୁ ଜିଲ୍ଲା ନ ଜିଲ୍ଲା କେନ୍ଦ୍ରୀୟ ସମବାୟ ବେଙ୍କ୍-ଡିସିସିବି ଖୁଲାଯିବା । ରାଏଜେ ଇହାଦେ ଖାଲି ୧୫ ଟା ଜିଲ୍ଲା ନ ଇ ବେଙ୍କ୍ ରହିଛେ । ସେନ୍ତା ୨୦୩୦ ତକ୍ ସବୁ ପଂଚାୟତ୍ ନ ପେକ୍ସ ଆଉ ଲେମ୍ପ୍‌ସ ରହେବା । ଯେନ୍ ପଂଚାୟତ୍ ନ କେନ୍‌ସି ଭିଲ୍ ତୃଣମୂଲ୍‌ସ୍ତରୀୟ ସମବାୟ ଅନୁଷ୍ଠାନ୍ ନାଇଁନ ସେନ ଇଟା ଗଠନ୍ କରାଯିବା । ଇ ବାବ୍‌ଦେ ଖୋବ୍ ଜଲ୍‌ଦି ସମବାୟ ନୀତି ଆଏବା । ଜାତୀୟ ସମବାୟ ନୀତି-

୨୦୨୫ ଢାଂଚାଥି ଇଟାକେ ପ୍ରସ୍ତୁତ୍ କରାଯିବା । ସେନ୍ତା ଆଏବା ଦିନେ ସମବାୟ ସଂସ୍ଥାମାନ୍‌କେ ଡିଜିଟାଇଜେସନ୍‌କେ ଭିଲ୍ ଗୁରୁତ୍ୱ ଦିଆଯିବା ଆଉ ସମବାୟ ସଂସ୍ଥାମାନ୍‌କେ ରୂପେ କିଷାନ୍ କ୍ରେଡିଟ୍ କାର୍ଡ୍ ଭିଲ୍ ଲାଗୁ କରାଯିବା ।

ପଇତାଲାଗି ନୀତି          ପୁରୀ ସମ୍ବାଦଦାତା

ମଗ୍‌ଶିର୍ ମାସର୍ ଅନ୍ଧାର୍ ପଖର୍ ତ୍ରୟୋଦଶୀ ତିଥି ନ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର୍ ପଇତାଲାଗି ନୀତି କରାଯିବା । ଦ୍ୱିତୀୟ ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍‌ରୁ ଇ ଗୁପ୍ତ ନୀତି ହେବା । ଇଥିର୍‌ଲାଗି ଉପର୍‌ବେଲା ୫ ବଜେନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଚେ ।

ବର୍‌ଗଡ୍ ଧନୁଯାତ୍ରା -କଲାକାର          ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ୍ ଧନୁଯାତ୍ରା ମହୋତ୍ସବ୍ ସମିତି ତର୍‌ଫୁ ୨୦୨୫ ନୁ ୨୦୨୭ ୩ ବଛର୍ ଲାଗି ମୁଲ୍ ହେଇଥିବା କଲାକାର୍ ବାଛ୍‌ବାର୍ ପ୍ରକ୍ରିୟା ୨ ନମ୍ବର୍ ଦିନେ ମନ୍ତ୍ରୀ ଆଉ ସେନାପତି ଭୂମିକା ଲାଗି ଚୟନ ପ୍ରକ୍ରିୟା ଶେଷ୍

ହେଇଛେ । ବିଜୁ ପଟ୍ଟନାୟକ୍ ଟାଉନ୍ ହଲ୍ ନ ହେଇଥିବା ଶିବିର୍‌ଥି ଆବେଦନ୍ କରିଥିବା ଶହେ ୭ ଝନ୍ କଲାକାର୍‌ଙ୍କର୍ ଭିତ୍‌ରୁ ମୋଟ୍ ୭୩ ଝନ୍ କଲାକାର୍ ଅଡ଼ିସନ୍‌ଥି ଭାଗ୍‌ନେଇଥିଲେ । ଆଏଜ୍ କଂସ ମହାରାଜ୍ ଭୂମିକା ଲାଗି କଲାକାର୍ ବଛାଯିବା ଆଉ ୧୧ ଟା ଯାକ ଭୂମିକାର୍ ଫଲାଫଲ୍ ଘୋଷ୍‌ନା କରାଯିବା ବଲି କମିଟି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ପ୍ରେସ୍ ଦିବସ୍            ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ନ ଜାତୀୟ ପ୍ରେସ୍ ଦିବସ୍ ପାଲିତ୍ ହେଇଯାଇଛେ । ସ୍ଥାନୀୟ ସଦ୍‌ଭବନା ସଭାଗୃହ ନ ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ହେଇଥିବା ସମାରୋହଥି ଜିଲ୍ଲାସ୍ତରୀୟ ସାମ୍ବାଦିକ୍ ଆଉ ଭିନ୍ ଭିନ୍ ବ୍ଲକ୍‌ନୁ ସାମ୍ବାଦିକ୍‌ମାନେ ଯୋଗ୍ ଦେଇଥିଲେ ।

ସର୍ବଭାରତୀୟ କ୍ରିକେଟ୍ ଚମ୍ପିଅନ୍‌ସିପ୍            ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଲୁଇସିଂହାର ବୁରୋମୁଣ୍ଡା ଠାନେ ଚାଲିଥିବା ୩ ନମ୍ବର୍ ସର୍ବଭାରତୀୟ କ୍ରିକେଟ୍ ଚମ୍ପିଅନ୍‌ସିପ୍ ଉଦ୍‌ଯାପିତ୍ ହେଇଯାଇଛେ ।

ଉଦ୍‌ଯାପନୀ ସମାରୋହରେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍‌ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଚମ୍ପିଆନ୍ କେନ୍ଦ୍ରାପଡ଼ା ଦଲ୍‌କେ ପୁରସ୍କୃତ୍ କରିଥିଲେ । ଇ ଚମ୍ପିଆନ୍‌ସିପ୍‌ଥି ସର୍ବଭାରତୀୟ ସ୍ତରର ୧୬ ଟା ଦଲ୍ ଭାଗ୍ ନେଇଥିଲେ ।

ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତା   ଆର୍‌ଏନ୍‌ୟୁ/ ସମ୍ବଲପୁର

ହାଇଦ୍ରାବାଦ୍ ଠାନେ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତା ଗଲାକାଏଲ୍‌ନୁ ମୁଲ୍ ହେଇଛେ । ପ୍ରତିଯୋଗିତାର୍ ପହେଲା ଦିନେ ଓଡ଼ିଶାକେ ୩ ଟା ସ୍ୱର୍ଣ୍ଣ, ଗୁଟେ ରୌପ୍ୟ ଆଉ ୩ ଟା କାଂସ୍ୟ ସହେତେ ମୋଟ୍ ୭ ଟା ପଦକ୍ ମିଲିଛେ ।

ପାଣିପାଗ୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ରାଜ୍ୟର୍ ଭିତ୍‌ରିଆ ପଶ୍ଚିମ ଆଉ ଦକ୍ଷିଣ ଇଲାକା ନ ଶୀତର୍ ପ୍ରଭାବ୍ ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା ସହେତେ  ରାଜ୍ୟର୍ ୬ ଟା ଜିଲ୍ଲାକେ ଜବର୍ ଶୀତ୍ ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ରାଜ୍ୟର୍ ୧୦ ଟା ଜାଗା ନ ରାତିର୍ ତାପମାତ୍ରା ୧୨ ଡିଗ୍ରୀ ତଲେ ରେକର୍ଡ୍ କରାଯାଇଛେ ।